## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକ ମୃତ

ଅନୁଗୋଳ ଅଫିସ, ୨୫।୧୧- ଅନୁଗୋଳ ଥାନା ଛେଲିଆପଡ଼ା ଛକ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ସ୍ଥାନୀୟ ଅଞ୍ଚଳର ସୁଶିଲ ସାହୁ (୧୯)ଙ୍କ ମୃତ୍ୟୁ ହୋଇଛି। ସେ ଚାଲିକରି ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଅନୁଗୋଳ ପୋଲିସ ନଂ. ୮୧୧/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### କାର୍ତ୍ତିକେଶ୍ୱର ଭସାଣି



ବଇଣ୍ଡା,୨୫।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ଛକଠାରେ ୫ ଦିନ ଧରି ଚାଲିଥିବା କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଏକ ଟ୍ରାକ୍ଟର ଯୋଗେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତି ନଗର ପରିକ୍ରମା କରାଯିବାପରେ ପୋଖରୀରେ ବିସର୍ଜନ କରାଯାଇଥିଲା। ରମାକାନ୍ତ ବେହେରା, ଲଚ୍ଛମନ ଦାସ, ସଞ୍ଜୟ ସାହୁ, ଜିତେନ୍ଦ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ପ୍ରାଣୀ ନିରୀକ୍ଷକଙ୍କ କ୍ୱାର୍ଟର୍ସରୁ ଚୋରି

ଅନୁଗୋଳ ଅଫିସ, ୨୫।୧୧- ଅନୁଗୋଳ ପ୍ରାଣୀ ନିରୀକ୍ଷକ ପଞ୍ଚାନନ ବେହେରାଙ୍କ କ୍ୱାର୍ଟର୍ସରୁ ଶନିବାର ବିଳମ୍ବିତ ରାତିରେ ୪ଟି ମୋବାଇଲ, ୨ଟି ଘଣ୍ଟା ଓ ଏକ ଟାବ୍‌ଲେଟ ଚୋରି ହୋଇଛି। ଅଭିଯୋଗ ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ଅଭିଯୁକ୍ତ କଣିହାଁ ଥାନା ସାନତ୍ରିବିଡ଼ା ଅଞ୍ଚଳର ଦିନ ନାଏକ (୧୯)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତାଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଏ ସଂକ୍ରାନ୍ତରେ ଅନୁଗୋଳ ଥାନାରେ ନଂ. ୮୦୯/୧୮ରେ ଏକ ମାମଲା ରୁଜୁ କରାଯାଇଛି।

### ଡ୍ରେନ ସଫା କଲେ ଗ୍ରାମବାସୀ



ବଇଣ୍ଡା,୨୫।୧୧(ଡି.ଏନ.ଏ.)- କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମବାସୀ ଓ ତ୍ରିନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶନିବାର ଗ୍ରାମ ସଫେଇ କରାଯାଇଛି। ରାସ୍ତା ପାର୍ଶ୍ୱ ସହ ଡ୍ରେନ୍ ଗୁଡ଼ିକ ସଫେଇ କରାଯାଇଥିଲା। ଏଥିସହିତ ନିଜ ଚତୁଃପାର୍ଶ୍ୱ ସଫା ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ଗ୍ରାମର ସନ୍ତୋଷ ସାହୁ, ନକୁଳ ବେହେରା, କାଠିଆ ସାହୁ, ତ୍ରୈଲୋକ୍ୟ ମାଝି ପ୍ରମୁଖ ସହଯୋଗ କରିଥିଲେ।

### ଅଷ୍ଟପ୍ରହର ନାମ ଯଜ୍ଞ

ତାଳଚେର,୨୫।୧୧(ନି.ପ୍ର.)- ତାଳଚେର ବ୍ଲକ ସାଉଥବଲଣ୍ଡାସ୍ଥିତ ଗୁରୁଦ୍ୱାରଠାରେ କୃଷ୍ଣଚନ୍ଦ୍ର ଗଜପତି ମହାରାଜ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରତ୍ନାକର ମିଶ୍ର ଓ ହୃଦାନନ୍ଦ ପଣ୍ଡା ପୌରୋହିତ୍ୟ କରିଥିଲେ। ପନ୍ଦରରୁ ଅଧିକ ସଂକୀର୍ତ୍ତନ ଦଳ ଯୋଗଦେଇ ଥିଲେ। ଗୁରୁଦ୍ୱାରର ସମସ୍ତ ବାସିନ୍ଦା ସହଯୋଗ କରିଥିଲେ।

### ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ଢେଙ୍କାନାଳ ଅଫିସ,୨୫।୧୧- ଢେଙ୍କାନାଳ ଜିଲା ରାସୋଳ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ କାରନ୍ଦା ଗ୍ରାମର ଟୁକୁନା ସାହୁ ଅସଦାଚରଣ କରିଥିବା ରବିବାର ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ଟୁକୁନା ମହିଳାଙ୍କୁ ଅସଦାଚରଣ କରିଥିଲେ। ସେ ଜୋର୍‌ରେ ପାଟି କରିବାରୁ ଟୁକୁନା ସେଠାରୁ ଦୌଡି ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ନଂ. ୧୦୭/୧୮ରେ ମାମଲା ଯୁବକଙ୍କୁ ଅଟକ ରଖିଛି।

## ■ଛେଣ୍ଡିପଦା ଫେରିଲା ନରହନ୍ତା ଦନ୍ତା

# ୩ ବର୍ଷରେ ନେଲାଣି ୩୫ ଜୀବନ

**ଛେଣ୍ଡିପଦା, ୨୫।୧୧(ସ୍ୱ.ପ୍ର.)**



■୫ ଥର ଟ୍ରାଙ୍କୁଲାଇଜ ଉଦ୍ୟମ ବିଫଳ

■ଚିନ୍ତାରେ ବନ ବିଭାଗ

■ଲୋକଙ୍କୁ କଲା ସତର୍କ

ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଦନ୍ତା ହାତୀ କିଛିଦିନ ବ୍ୟବଧାନରେ ଶନିବାର ପୁରୁଣା ରହଣି ସ୍ଥଳକୁ ଫେରିଆସିଛି। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଥିବାବେଳେ ବନ ବିଭାଗର ଚିନ୍ତା ବଢ଼ିଯାଇଛି। ଦେବଗଡ଼ ଅଞ୍ଚଳରୁ ପାଟକମୁଣ୍ଡା ସଂରକ୍ଷିତ ଜଙ୍ଗଲ ତେବୁଡ଼ ଗ୍ରାମ ଦେଇ ଉକ୍ତ ହାତୀ ଏଠାକୁ ଆସିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ସତର୍କ ରହିବାକୁ ଜନସାଧାରଣଙ୍କୁ ବିଭାଗ ପକ୍ଷରୁ ଅବଗତ ମଧ୍ୟ କରାଯାଇଛି। ଛେଣ୍ଡିପଦାରୁ ବାହାଲସାହି–କମ୍ପସଲା, ବାହାଲସାହି–ବଡ଼ବେରେଣା ଏବଂ ଛେଣ୍ଡିପଦା–ଚାଙ୍ଗୁଡ଼ିଆ ରାସ୍ତାରେ ଯାତାୟାତ କରିବାବେଳେ ସାବଧାନ ରହିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଜଙ୍ଗଲରେ ପ୍ରବେଶ ନ କରିବାକୁ ଡାକବାଜି ଯନ୍ତ୍ର ସହାୟତାରେ ଲୋକଙ୍କୁ ଚେତାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ୩ ବର୍ଷରେ ଛେଣ୍ଡିପଦା ବନାଞ୍ଚଳରେ ଉକ୍ତ ଦନ୍ତା ଆକ୍ରମଣରେ ୩୫ ଜଣଙ୍କ ଜୀବନ ଯାଇଛି। ବାରମ୍ବାର ଆନ୍ଦୋଳନ ପରେ ଉକ୍ତ ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ କରିବାକୁ ବନ ବିଭାଗ ପକ୍ଷରୁ ୫ ଥର ଉଦ୍ୟମ କରାଯାଇଛି। ହେଲେ ଏ କ୍ଷେତ୍ରରେ ବିଭାଗର ସମସ୍ତ ଉଦ୍ୟମ ବିଫଳ ହୋଇଛି। ଏବେ ପୁଣି ଉକ୍ତ ଦନ୍ତା ପୁରୁଣା ସ୍ଥାନକୁ ଫେରି ଆସିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ଖେଳିଯାଇଛି। ଏ ନେଇ ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ କୁହନ୍ତି, ବନ ବିଭାଗ ଏବଂ ହାତୀ ସ୍କ୍ୱାଡ୍ ଉକ୍ତ ଦନ୍ତାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସନ୍ଧ୍ୟାପରେ ବ୍ରାହ୍ମଣବିଲ, ଚାଙ୍ଗୁଡ଼ିଆ, ବାହାଲସାହି, ବଡ଼ବେରେଣା, କମ୍ପସଲା ଗ୍ରାମବାସୀଙ୍କୁ ଯାତାୟାତବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ଦନ୍ତାକୁ ଦେଖିବା ମାତ୍ରେ ବନ ବିଭାଗକୁ ଖବର ଦେବାକୁ ସମସ୍ତଙ୍କୁ ଅବଗତ କରାଯାଇଛି। ଅପରପକ୍ଷେ ମାରୁଡ଼ିପ ସଂରକ୍ଷିତ ଜଙ୍ଗଲରେ ଦୀର୍ଘଦିନ ହେଲା ୧୨ରୁ ଊର୍ଦ୍ଧ୍ୱ ହାତୀ ଉପଦ୍ରବ କରୁଛନ୍ତି। ପାଚିଲା ଧାନ ଫସଲ ହାତୀପଲ ଖାଇଦେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନୂଆଗାଁ, ଡଙ୍ଗାପାଳ, ଭାଲିଆସର, ଜରିପାଳ, କଣଲୋଇ, ଲୁଣିମାଟି, କର୍ଣ୍ଣପାଳର ଶତାଧିକ ଏକର ଧାନ ଫସଲ ସହ କଦଳୀ, ଆମ୍ବ, କାଜୁ ବଗିଚା କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ତୁରନ୍ତ ହାତୀ ଘଉଡ଼ାଇବାକୁ ଚାଷୀମାନେ ଦାବି କରିଛନ୍ତି।

## ଗାନ୍ଧୀ ସ୍ୱଚ୍ଛ, ସ୍ୱଷ୍ଟ ଥିଲେ

**ଅନୁଗୋଳ ଅଫିସ, ୨୫।୧୧**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗାନ୍ଧୀ ୧୫୦ ତମ ଶୀର୍ଷକ ଏକ ରାଜ୍ୟସ୍ତରୀୟ ସମ୍ମାନ କ୍ରିଷ୍ଣା ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ବକ୍ତବ୍ୟରେ ମହାନ୍ତି ଗାନ୍ଧୀଙ୍କ ସହିତ ନିଜ ପିଲାଦିନର ସ୍ମୃତିଚାରଣ କରିଥିଲେ। ଅତି ଛୋଟ ଥିବାରୁ ସ୍ମୃତି ଗୁଡ଼ିକ ଝାପସା ହେଲେ ମଧ୍ୟ ଏଥିପାଇଁ ସେ ଗର୍ବିତ ବୋଲି କହିଥିଲେ। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ରଥ ଗାନ୍ଧୀଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ଡ.ଗୌରାଙ୍ଗ ଚରଣ ଦାସ କହିଥିଲେ, ଗାନ୍ଧୀ ନିଜ ବିଚାରରେ ଅତି ସ୍ୱଚ୍ଛ ଓ ସ୍ୱଷ୍ଟ ଥିଲେ। ଏହାପରେ ଡ.ପ୍ରେମାନନ୍ଦ ମହାପାତ୍ର ଓଡ଼ିଆ ସାହିତ୍ୟରେ ଗାନ୍ଧୀ ଚିନ୍ତାଚେତନା ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ପ୍ରାବନ୍ଧିକ ଡ. ଶ୍ରୀକାନ୍ତ ବାରିକ ଓଡ଼ିଆ କବିତାରେ ଗାନ୍ଧୀ ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଇଂ. ଧନେଶ୍ୱର ସାହୁ, ସଚିକାନ୍ତ ଖୁଣ୍ଟିଆ ଓ ସରୋଜିନୀ ଦେଇ ପ୍ରବନ୍ଧ ପାଠ କରିଥିଲେ। ଶାନ୍ତନୁ କୁମାର ସର ପୌରୋହିତ୍ୟ କରିଥିଲେ। ସମ୍ପାଦକ ରାଧାକାନ୍ତ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଡ. ଦଧିବାମନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିବରାମ ମିଶ୍ର ଧନ୍ୟବାଦ ଦେଇଥିଲେ। କୁମୁଦ ଚନ୍ଦ୍ର ଦାଶ, ଡ. ଚୈତନ୍ୟ ସାହୁ, ହାଡ଼ିବନ୍ଧୁ ମିଶ୍ର ଶିକ୍ଷାବିତ୍ ଓ ବହୁ କବି ଉପସ୍ଥିତ ଥିଲେ।

## ଜନତାଙ୍କ ଦୁଃଖ ବୁଝୁଥିଲେ ନବକୃଷ୍ଣ



ନବକୃଷ୍ଣ ଚୌଧୁରୀ ଜନସେବା ସମ୍ମାନ ପ୍ରଦାନ କରାଯାଉଛି।

**ଅନୁଗୋଳ ଅଫିସ, ୨୫।୧୧**

ଜିଲା ସାହିତ୍ୟ ସଂସଦ ଏବଂ ଉତ୍କଳ ନବ ଜୀବନ ପକ୍ଷରୁ ବିପ୍ଳବୀ ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଓ ଗାନ୍ଧୀ ଚର୍ଚ୍ଚା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସଂସଦ ପକ୍ଷରୁ ପ୍ରଫେସର କୁମୁଦ ଚନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପ୍ରହ୍ଲାଦ କୁମାର ସିଂହ, ସମ୍ମାନିତ ଅତିଥିଭାବେ ଡାକ୍ତର ତପନ ମହାନ୍ତି ଓ ପ୍ରଫେସର ବୀରେନ୍ଦ୍ର ନାୟକ ଉପସ୍ଥିତ ଥିଲେ। ରାଜନୀତିର ବହୁ ଊର୍ଦ୍ଧ୍ୱକୁ ଯାଇ ନବକୃଷ୍ଣ ଚୌଧୁରୀ ସାଧାରଣ ଜନତାଙ୍କ ଦୁଃଖ ସହିତ ନିଜକୁ ସାମିଲ କରି ପାରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂସଦ ଉପସଭାପତି ପ୍ରଧାପକ ଶାନ୍ତନୁ କୁମାର ଶର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡିଆଇଇଟି ଛେଣ୍ଡିପଦାର ଶିକ୍ଷକ ଲକ୍ଷ୍ମଣ କୁମାର ସଭା ସଂଯୋଜନା କରିଥିବା ବେଳେ ଓକିଲ ଯଦୁମଣି ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନିମାପଡ଼ା ଅଞ୍ଚଳର ଭବାନୀ ଶଙ୍କର ପଟ୍ଟନାୟକଙ୍କୁ ନବକୃଷ୍ଣ ଚୌଧୁରୀ ଜନସେବା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଅପରାହ୍ଣରେ ମନୋଜା ନାୟକ ଓ ଦୀପ୍ତିମୟୀ ବିଶ୍ୱାଳଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଜିଲାରୁ ବହୁ ସାହିତ୍ୟପ୍ରେମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସହିତ୍ୟିକ ତଥା ରାଜ୍ୟସଭାର ପୂର୍ବତନ ସଦସ୍ୟ ବୈଷ୍ଣବ ଚରଣ ପରିଡ଼ା ଓ ତାଳଚେରର ବସ୍ ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ବୋଲି ରାଧାକାନ୍ତ ମହାନ୍ତି ସୂଚନା ଦେଇଛନ୍ତି।

## ମହିଳା ହିଂସା ରୋକିବା ଉପରେ ଗୁରୁତ୍ୱ




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ଅନୁଗୋଳ ଅଫିସ, ୨୫।୧୧**

ଅନୁଗୋଳ ଖମ୍ଭେଶ୍ୱରୀ ବିହାର ଠାରେ ମହିଳା ହିଂସା ବନ୍ଦ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ନାରୀ ସୁରକ୍ଷା ସମିତି ଆନୁକୂଲ୍ୟରେ ସିଡବ୍ଲ୍ୟୁଏସ୍ ଓ ଆର୍ଟସେକ ସହାୟତାରେ ଏହା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ୭୦ ଜଣ ଅଂଶ ଗ୍ରହଣ କରି ମହିଳା ହିଂସା ଓ ଯୁବତୀ ଚାଲାଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ପଞ୍ଚାୟତ ପ୍ରତିନିଧି, ମହିଳା ମହାସଂଘ ଆଦି ସଙ୍ଗଠନ ଗୁଡ଼ିକ ଅଂଶ ଗ୍ରହଣ କରିଥିଲେ।

ବୈଠକରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ ଦିଆଯିବା ସହ ବାଲ୍ୟ ବିବାହ, କନ୍ୟାଭ୍ରୂଣ ହତ୍ୟା, ଯୁବତୀ ଚାଲାଣ, ଘରୋଇ ହିଂସା, କୁମାରୀ ମାତୃତ୍ୱ, ଯୌତୁକ ନିର୍ଯାତନା ଭଳି ଅମାନବୀୟ କାର୍ଯ୍ୟ ଗୁଡ଼ିକ ଉପରେ ରୋକ୍ ଲଗାଯିବା ସହିତ ସମାଜରେ ଥିବା ରୁଗ୍‌ଣ ମାନସିକତାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ଜିଲାର ପ୍ରତ୍ୟେକ ବ୍ଲକରେ ବିବାହ ପଞ୍ଜୀକରଣ ଓ ମହିଳା ସୁରକ୍ଷା ଅଧିକାରୀଙ୍କୁ ନିୟୋଜିତ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ଅଭିଯାନ ଡିସେମ୍ବର ୧୦ ପର୍ଯ୍ୟନ୍ତ ଜାରି ରହିବ। କର୍ମଶାଳାରେ ହେମନ୍ତ ଦାସ, ବିନିତା ବିଶ୍ୱାଳ, ଜୟନ୍ତୀ ସାମଲ, ସ୍ମୀତାରାଣି ପଟ୍ଟନାୟକ, ନାରୀ ସୁରକ୍ଷା ସମିତି ସମ୍ପାଦିକା ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନର କର୍ମୀ ସୁରେଶ ଓ ଅଞ୍ଜନା ମହାକୁଡ଼ ବୈଠକ ପରିଚାଳନା କରିଥିଲେ।

## ଜନ ପରାମର୍ଶ ପଦଯାତ୍ରା

**ମାଧପୁର/କଣିହାଁ, ୨୫।୧୧(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତରେ ରବିବାର ଭାଜପାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡୁଡୁମ ଗ୍ରାମରୁ ପଦଯାତ୍ରା ବାହାରି କହ୍ନେଇବେରୁଣୀ, ଦେଉଳି, ବେଲପୁଞ୍ଜି, ଡେବେରପାଲି ପରେ କମ୍ପଲା ଗ୍ରାମରେ ପହଞ୍ଚିଥିଲା। ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ରୁଦ୍ରପ୍ରସାଦ ଷଡ଼ଙ୍ଗୀ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ଅମିୟ ତ୍ରିପାଠୀ, ମନୋଜ କୁମାର ପ୍ରଧାନ ପ୍ରମୁଖ ଆୟୋଜିତ ସଭାରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ସେହିପରି କଣିହାଁ ବ୍ଲକ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ୮ ନମ୍ବର ଜୋନ୍‌ରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଜିଲା ଉପସଭାପତି ନୃସିଂହ ବରାଳ, ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ, ଧ୍ରୁବଚରଣ ଧୀର, ଗୋପାଳ ସାମଲ, ମିନକେତନ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ବଜ୍ରକୋଟ ଗ୍ରାମରୁ ଏହି ପଦଯାତ୍ରା ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା।

## ୩୭୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ଆୟୋଜକଙ୍କ ସହ ଅତିଥି, ଡାକ୍ତରୀ ଟିମ୍ ଓ ସହଯୋଗୀମାନେ।

**କଣିହାଁ, ୨୫।୧୧(ଡି.ଏନ.ଏ.)**

କଣିହାଁ ବ୍ଲକ ବଡତ୍ରିବିଡା ହାଇସ୍କୁଲଠାରେ ରବିବାର ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲର ବରିଷ୍ଠ ଚିକିତ୍ସକ ଡା. ଗୋଲେଖ ଚନ୍ଦ୍ର ବେହେରାଙ୍କ ସହ ସହକାରୀ ଡାକ୍ତର, ଫାର୍ମାସିଷ୍ଟ ସ୍ଥାନୀୟ ଅଞ୍ଚଳର ୩୭୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆୟୋଜକ ମଣ୍ଡଳୀ ତରଫରୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶରତ ଚନ୍ଦ୍ର ପ୍ରଧାନ, କଣିହାଁ ଓସିପି ଜିଏମ୍ ନାରାୟଣ ଦାସ, ଅନ୍ୟତମ ଅତିଥି ଭାବେ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ହାଡିବନ୍ଧୁ ବିଶ୍ୱାଳ, ଏଲ୍. ମାଣିକ ପ୍ରଭା, ଶିବରାମ ଦାସ, କୁଶଧ୍ୱଜ ସାମଲ, ଦିବାକର ସାହୁ ଉପସ୍ଥିତ ଥିଲେ। ଶିଳ୍ପ ବହୁଳ ଅନୁଗୋଳରେ ପ୍ରଦୂଷଣ ମାତ୍ରା ଯୋଗୁ ଲୋକେ ଅଧିକ ରୋଗାଗ୍ରସ୍ତ ହେଉଛନ୍ତି। ତେଣୁ ସେମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

## ■ଫୁଟ୍‌ବଲ ଟୁର୍ନାମେଣ୍ଟ

# ବାଗଡ଼ିଆ ଚାମ୍ପିୟନ



**ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ବାଣେଶ୍ୱର ଖେଳପଡିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ବରସାହି ପଞ୍ଚାୟତ ବିଜୁବାହିନୀ ଓ ଖମାର ସ୍ପୋର୍ଟ୍ସ କ୍ଲବ ନେତୃତ୍ୱରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବାଗଡିଆ, ଖମାର, ଶାଳଖମଣ 'ଏ', ଡଇଁଚା, ଶାଳଖମଣ ବି, ଡେରେଙ୍ଗ, ପାଟକମୁଣ୍ଡା, ସେଣ୍ଠା ଟିମ ଭାଗ ନେଇଥିଲେ। ବାଗଡିଆ ଓ ଖମାର ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଖମାର ଟିମ୍‌କୁ ୧–୦ ଗୋଲ୍‌ରେ ହରାଇ ବାଗଡିଆ ଚାମ୍ପିୟନ ହୋଇଛି। ସରପଞ୍ଚ ବିଜୟ କୁମାର ଗଡନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାବୁଲି ଗଡନାୟକ ଉପସ୍ଥିତ ଥିଲେ। ତୁଷାର ମହାପାତ୍ର, ବିଜୟ ଗଡନାୟକ ଓ ସିପୁ ସାହୁ ଖେଳ ପରିଚାଳନା କରିଥିଲେ। ପଞ୍ଚାୟତର ବିଜୁ ଯୁବ ବାହିନୀ ସଦସ୍ୟମାନେ ସହଯୋଗ କରିଥିଲେ।

# ଗଣଦୌଡ଼ରେ ହକି ବିଶ୍ୱକପ୍ ପ୍ରଚାର

**ବଇଣ୍ଡା/ଛେଣ୍ଡିପଦା/ତାଳଚେର, ୨୫।୧୧(ଡି.ଏନ.ଏ.)**




କିଶୋରନଗର ବ୍ଲକ ଅଙ୍ଗପଡ଼ା ଅଞ୍ଚଳରେ ଆୟୋଜିତ ଗଣଦୌଡ଼ରେ ଭାଗ ନେଇଥିବା ସଦସ୍ୟମାନେ।

କିଶୋରନଗର ବ୍ଲକ ଲୁହାମୁଣ୍ଡା, ଗାଁ ବଇଣ୍ଡା, ନୁନୁକାପଶି, ଅଙ୍ଗପଡ଼ା, ଉରୁକୁଳା ଆଦି ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ହକି ବିଶ୍ୱକପ୍ ପାଇଁ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାଁ ବଇଣ୍ଡାଠାରେ କାର୍ଯ୍ୟକ୍ରମକୁ ବିଜେଡି ନେତା ଅରିକ୍ଷିତ ସାହୁ ଶୁଭାରମ୍ଭ କରିଥିଲେ। ଅଙ୍ଗପଡ଼ାଠାରେ ସରପଞ୍ଚ ଲିଜାଲିନି ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତାପ କୁମାର ସାହୁ, ସଭାପତି ମଧୁସ୍ମିତା ସାହୁ, ସମ୍ପାଦକ ପତିତପାବନ ତ୍ରିପାଠୀ ଦୌଡ ଶୁଭାରମ୍ଭ କରିଥିଲେ। ଗ୍ରାମ ସମ୍ପାଦକ ଲଳିତ ସାହୁ, ଯୁବ ବାହିନୀ ସଭାପତି ଅନ୍ତର୍ଯ୍ୟାମୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ। ନୁନୁକାପଶିଠାରେ ସରପଞ୍ଚ ଜଳଧର ସାହୁ, ବ୍ଲକ ଉପାଧ୍ୟକ୍ଷା ସୁନୀଲ କୁମାର ପ୍ରଧାନ, ଯୁବ ବାହିନୀ ସଭାପତି ପ୍ରତାପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେତେଜଣ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ପଞ୍ଚାୟତ ଯୁବ ବାହିନୀ ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସଭାପତି ଲମ୍ବୋଦର ସାହୁ ଏହାର ଶୁଭାରମ୍ଭ କରିଥିଲେ। ଯୁବ ବାହିନୀ ସଭାପତି କ୍ଷୀରୋଦ କୁମାର ପ୍ରଧାନ, ସନାତନ ସାହୁ, ସଞ୍ଜୀବ କୁମାର ସାହୁ, ଦୁର୍ଗା ପ୍ରସାଦ ସାହୁ, ସୁମନ୍ତ ପ୍ରଧାନ, କ୍ରୀଡ଼ା ଶିକ୍ଷକ ନିର୍ମଳ ଚନ୍ଦ୍ର ପ୍ରଧାନ, ପିଣ୍ଟୁ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ମାଛକୁଟା, ପାତ୍ରପଡା, କୋଶଳା, ବାଲିପଟା, ବରସାହି, ଦୁର୍ଗାପୁର, ରାଇଝରଣ ଆଦି ପଞ୍ଚାୟତଗୁଡିକରେ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି। ସେହିପରି ତାଳଚେର ବିଜୁ ଯୁବବାହିନୀ କ୍ଲବ୍‌ ୩ ଜାମୁବଣିଆ ପକ୍ଷରୁ ତାଳଚେର ପୌରପରିଷଦର ହାଟତୋଟାଠାରୁ ଜାମୁବଣିଆ ସାହି ପର୍ଯ୍ୟନ୍ତ ୩୦ ଯୁବ କ୍ରୀଡାବିତ୍‌ଙ୍କୁ ନେଇ ଏକ ଗଣଦୌଡର ଆୟୋଜନ କରାଯାଇ ଥିଲା। ବିଜେଡି ସାଧାରଣ ସମ୍ପାଦକ ବିରଜା ଶଙ୍କର ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ସଂଘ ସଭାପତି ମନୋଜ କୁମାର ଭୂତିଆ ଏହାର ନେତୃତ୍ୱ ନେଇଥିଲେ। ପରେ କ୍ରୀଡ଼ାବିତ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱକପ୍ ଆୟୋଜନ ପାଇଁ ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାଧୁବାଦ ଜଣାଯାଇଥିଲା।

ଧରିତ୍ରୀର ଢେଙ୍କାନାଳ – ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ– (୦୬୭୬୨)–୨୨୪୨୫୪, ଢେଙ୍କାନାଳ–୯୪୩୭୦୯୪୦୩୭, ଓଡାପଡା–୯୪୩୭୦୯୩୮୨୨, କାମାକ୍ଷାନଗର–୯୪୩୭୩୬୦୯୭୦, ହିନ୍ଦୋଳ–୭୮୯୪୪୬୨୯୦୫, ଭୁବନ–୭୮୯୪୪୬୨୯୦୭, ପରଜଙ୍ଗ–୯୯୩୭୮୬୪୨୯୧, ଭାପୁର–୯୯୩୭୦୭୯୭୭୦, ରାସୋଳ–୯୪୩୭୭୦୬୧୬୭, ସାତମାଇଲ–୯୯୩୭୭୫୧୪୨୮, ଅନୁଗୋଳ ଅଫିସ–(୦୬୭୬୪)–୨୩୭୫୫୬, ଅନୁଗୋଳ– ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)– ୯୮୬୧୨୨୦୬୫୫, ତାଳଚେର– ୦୪୩୭୨୯୨୪୭୮, କଣିହାଁ–୭୮୯୪୪୬୨୯୧୨, ବଅଁରପାଳ– ୭୮୯୪୪୬୨୯୧୬, ବନ୍ତଳା–୯୯୩୭୯୦୮୯୧୫, ଆଠମଲ୍ଲିକ– ୭୮୯୪୪୬୨୯୧୭, ବଇଣ୍ଡା– ୭୮୯୪୪୬୨୯୧୮, ଛେଣ୍ଡିପଦା– ୭୮୯୪୪୬୨୯୧୯, ପାଲଲହଡା– ୭୮୯୪୪୬୨୯୨୧, ପବିତ୍ରନଗର– ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଆଇନଜୀବୀ ସମ୍ବର୍ଦ୍ଧିତ

ଢେଙ୍କାନାଳ ଅଫିସ, ୨୫।୧୧- ଜାତିସଂଘ କାର୍ଯ୍ୟକ୍ରମର ପ୍ରସାର ଏବଂ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ମାଡ୍ରାସସ୍ଥିତ ଶ୍ରୀରାମାନୁଜ ମିଶନ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି ଉଫୁନାର ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ। ଗତ ୨୩ ତାରିଖରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏପରି କୃତିତ୍ୱ ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ସେମିଫାଇନାଲରେ ମାଧପୁର

ମାଧପୁର, ୨୫।୧୧
ଆଠମଲ୍ଲିକ ବ୍ଲକ କନ୍ଦପଡା ପଞ୍ଚାୟତ ଖେଳପଡିଆରେ ଚାଲିଥିବା ମା'ମାହେଶ୍ୱରୀ ଚ୍ୟାଲେଞ୍ଜ କ୍ରିକେଟ୍ ଟୁର୍ନାମେଣ୍ଟରେ ମାଧପୁର କ୍ରିକେଟ କ୍ଲବ ଶନିବାର ବୌଦ୍ଧ ବାଗବର କ୍ରିକେଟ୍ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟରେ କନ୍ଦପଡା କ୍ରିକେଟ କ୍ଲବର ଆଲୋକ ଭୋକ୍ତା, ନନ୍ଦି କିଶୋର ନାୟକ, ଉତ୍ତମ ଥାଙ୍ଗି, ମହିନ୍ଦ୍ର ନାଗ, ବୁଲୁ ବଡ଼ମାଳି, ମନୋଜ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି।

### କାର୍ତ୍ତିକେଶ୍ୱରଙ୍କୁ ମେଲାଣି



ଭୁବନ, ୨୫।୧୧(ଡି.ଏନ୍.ଏ.)- ଭୁବନରେ କାର୍ତ୍ତିକ ପଞ୍ଚୁକ ଅବସରରେ ଆରମ୍ଭ ହୋଇଥିବା କାର୍ତ୍ତିକେଶ୍ୱର ମହାପ୍ରଭୁଙ୍କ ପୂଜା ଶେଷ ହୋଇଛି। ରବିବାର ଶିବପୁତ୍ର କାର୍ତ୍ତିକଙ୍କୁ ବିଦାୟ ଦେଇଛନ୍ତି ସହରବାସୀ। ଏହି ଅବସରରେ ଆୟୋଜିତ ମିଳିତ ଭସାଣି ଶୋଭାଯାତ୍ରାରେ ଲତାବିଲ, ଅରାସାହି, ସିନେମା ହଲ୍ ଛକ, କମାର ସାହି, ଘୋଡ଼ାଶାଳ ଛକ, ଅନ୍ଧଦେଉଳ, ବଣିଆସାହି, ଦୁର୍ଗାଛକ ମେଢ଼ ସାମିଲ ହୋଇଥିଲେ। ରାମମନ୍ଦିର ନିକଟରେ ମେଲଣ ପରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ଏହାକୁ ଥାନା ଅଧିକାରୀ ପ୍ରମୋଦ କୁମାର ଲେଙ୍କା ଉଦ୍‌ଘାଟନ କରିଥିଲେ। ମେଢ଼ଗୁଡ଼ିକ ରାମ ମନ୍ଦିରରୁ ବାହାରି ଲତାବିଲ, ନୂଆବଜାର, ଗୁଜୁରୀହାଟ, ଦୁର୍ଗାଛକ, ଲକ୍ଷ୍ମୀଛକ, ବଣିଆସାହି, ବ୍ରାହ୍ମଣୀଦେବୀ ଛକ, ବାଜି ଛକ, ବଡ଼ହାଟ ଦେଇ ସହର ପରିକ୍ରମା କରିଥିଲା। ନୃତ୍ୟଗୀତ, ବାଜା, ସଂକୀର୍ତ୍ତନମଣ୍ଡଳୀ, ଲଉଡ଼ିବାଡ଼ି ଖେଳ ସାଜିଥିଲା ପ୍ରମୁଖ ଆକର୍ଷଣ। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପୋଲିସ ଏବଂ ଯୁବକ ସଂଘର କର୍ମକର୍ତ୍ତା ନିୟୋଜିତ ହୋଇଥିଲେ। ରାତି ୧୦ଟା ସୁଦ୍ଧା ବ୍ରାହ୍ମଣୀ ନଦୀରେ ସମସ୍ତ ମେଢ଼ ବିସର୍ଜନ କରାଯାଇଛି।

### ସଚେତନତା ସୃଷ୍ଟି କଲେ କ୍ୟାଡେଟ୍

ତାଳଚେର,୨୫।୧୧(ନି.ପ୍ର.)- ତାଳଚେର କଲେଜ ଓ ଯୁବରାଜ ହାଇସ୍କୁଲ ପକ୍ଷରୁ ରବିବାର କଲେଜ ପରିସରରେ ଏନ୍‌ସିସି ଦିବସ ପାଳନ କରାଯାଇଥିଲା। ବସନ୍ତ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। ପରେ କ୍ୟାଡେଟ୍‌ମାନେ ସେଭ ଗାର୍ଲ ଚାଇଲ୍ଡ ଓ ଜଳ ସଂରକ୍ଷଣ ସମ୍ପର୍କିତ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରି ପରଜଙ୍ଗ ବ୍ଲକ କୁଆଲୁ ଅଷ୍ଟଶମ୍ଭୁ ଶିବମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମନ୍ଦିର ବେଢ଼ା ସଫେଇ କରିଥିଲେ। ଏନ୍‌ସିସି ଶିକ୍ଷକ ସୁବ୍ରତ ଦାସ, ସଦାନନ୍ଦ ପଣ୍ଡା, ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସେହିପରି ଜଗନ୍ନାଥ କ୍ଷେତ୍ର ଡିଏଭି ପବ୍ଲିକ ସ୍କୁଲରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଭୋଲାନାଥ ମହନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଭାଗୀୟ ଶିକ୍ଷକ ବୀରେନ୍ଦ୍ର କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହାବିଦ୍ୟାଳୟରେ ଏନ୍‌ସିସି ଦିବସ

ଅନୁଗୋଳ ଅଫିସ, ୨୫।୧୧- ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୨/୧୨ ବାଟାଲିୟନ କ୍ୟାଡେଟ୍‌ଙ୍କ ଦ୍ୱାରା ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ ସାହୁ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। ସଭାରେ ଇଂଲିଶ ବିଭାଗ ପ୍ରଫେସର ଅଭୟ କୁମାର ମଲ୍ଲିକ କ୍ୟାଡେଟ୍‌ମାନଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ଲ୍ୟୁଟ୍‌ନାଣ୍ଟ ଡ. ଅଭିମନ୍ୟୁ ଦାସ ବର୍ଷସାରା ସମ୍ପାଦିତ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତ୍ୟୁଷା ଅମାନ୍ତ ସଭା ପରିଚାଳନା କରିଥିଲେ।

# ଆଜି ବାହୁଡ଼ିବେ ମା' ଲୋଭୀ



ମା' ଲୋଭୀଙ୍କ ପୀଠସ୍ଥଳୀ।



ଯାତ୍ରାରେ ଖେଳନା ବିକ୍ରି ହେଉଛି।

ବଅଁରପାଳ,୨୫।୧୧ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଲୋଭୀଙ୍କ ପବିତ୍ର ଯାତ୍ରା ଉତ୍ସବ ରବିବାର ତୃତୀୟ ଦିବସରେ ପହଞ୍ଚିଛି। ରବିବାର ଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ବିଶେଷକରି କଂସା ବାସନ, ମନୋହରି ଓ ଚାଟ୍ ଦୋକାନରେ ଦର୍ଶକଙ୍କ ଭିଡ଼ ଜମିଥିଲା। ଯାତ୍ରା ଅବସରରେ ଦୋଳି ସାଙ୍ଗକୁ ମୀନା ବଜାର ପଡ଼ିଛି। ପ୍ରାୟ ୫ ଶହ ଉଠା ଦୋକାନ ଖୋଲିଛି। ପ୍ରତ୍ୟେକ ଦିନ ଠାକୁରାଣୀଙ୍କ ବିଭିନ୍ନ ଉପଚାରରେ ପୂଜାର୍ଚ୍ଚନା କରାଯାଉଛି। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମେଲୋଡି ଓ ଦଣ୍ଡନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଶାନ୍ତି ଶୃଙ୍ଖଳା ନିମନ୍ତେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୋମବାର ଦେବୀ ଲୋଭୀ ନିଜସ୍ୱ ଦିଅଁଘର ତୁଳସୀପାଳକୁ ଫେରିବେ। ବିଭିନ୍ନ ବାଦ୍ୟବାଜଣା ସହକାରେ ଠାକୁରାଣୀଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଦିଅଁଘରକୁ ଅଣାଯିବ।



ଅତିଥିମାନେ ବୋଟିଂ କରୁଛନ୍ତି।

# ନାଲ୍‌କୋ ପାର୍କରେ ବୋଟିଂ ସୁବିଧା

ବଅଁରପାଳ,୨୫।୧୧ (ଡି.ଏନ୍.ଏ.)

ବଅଁରପାଳ ବ୍ଲକ ନାଲ୍‌କୋ ମଧୁସୂଦନ ପାର୍କରେ ରବିବାର ଠାରୁ ବୋଟିଂ ବ୍ୟବସ୍ଥା କରାଯାଇଛି। ନାଲ୍‌କୋ ଇଡି ରାଜକିଶୋର ମିଶ୍ର ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍. ଏନ୍. ସାହୁ, ସ୍ମେଲଟର ମହାପ୍ରବନ୍ଧକ ମନ୍‌ସା ମିଶ୍ର, ସିପିପି ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର, ଉଦ୍ୟାନ ବିଭାଗର ବରିଷ୍ଠ ଅଧିକାରୀ ଉମାକାନ୍ତ ମହାରଣା, ପି.କେ. ମଲ୍ଲିକ, ବିନୟ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୫ଟି ବୋଟ ସାଙ୍ଗକୁ ଲାଇଟ୍ ବ୍ୟବସ୍ଥା କରାଯାଇଛି। ଏଥିସହ ପାର୍କର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ପ୍ରକାଶଥାଉ କି, ଦୀର୍ଘ ୪ ବର୍ଷ ପୂର୍ବରୁ ଏହି ପାର୍କ ଶୋଚନୀୟ ଅବସ୍ଥାରେ ରହିବା ସହ ବୋଟିଂ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଯାଇଥିଲା। ମାତ୍ର କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପ ଯୋଗୁ ସ୍ଥାନୀୟ ଅଞ୍ଚଳର ଶିଶୁମାନେ ପାର୍କରେ ଏବେ ନିଆରା ମଜା ପାଇପାରିବେ।

# ଭାଜପାର ମିଶ୍ରଣପର୍ବ

ପରଜଙ୍ଗ, ୨୫।୧୧(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ଖଣ୍ଡୁଆଳମୁଣ୍ଡ ଗ୍ରାମରେ ରବିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ପ୍ରଶାନ୍ତ ଦଳବେହେରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୃସିଂହ ସେଠୀ, ବିପିନ ଜେନା, ବଗା ସାମଲ, ଗୋଲେଖ ରାଉତଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ଯୋଗଦେଇଥିଲେ। ଏହି ଅବସରରେ ଏଲଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ' କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ଉପସଭାପତି ସୁଶାନ୍ତ ଦଳବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଚରଣ ସାହୁ, ମଣ୍ଡଳ ସଭାପତି ଦୁର୍ଗାଚରଣ ନାୟକ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଛାୟତ, ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ସନ୍ତୋଷ ସାହୁ, ହେମନ୍ତ ସାମଲ, ମନୋଜ ଦଳବେହେରା, ସୁବ୍ରତ ପରିଡ଼ା, ଅବିନାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଦଳରେ ମିଶିଥିବା ସମସ୍ତ କର୍ମୀଙ୍କୁ ଜିଲା ସଭାପତି ସ୍ୱାଗତ କରିଥିଲେ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଛେଣ୍ଡିପଦା,୨୫।୧୧(ସ୍ୱ.ପ୍ର.)

ଅନୁଗୋଳ ବନଖଣ୍ଡ ଜରପଡା ବନାଞ୍ଚଳ ବସନ୍ତୁର ଗ୍ରାମରେ ଭାଲୁ ଆକ୍ରମଣରେ ଗଗନ ବିହାରୀ ଧଳ(୬୦) ଗୁରୁତର ହୋଇଛନ୍ତି। ସକାଳେ ସେ ଘର ପାଖ କାଜୁ ବଗିଚାରେ ସାର ଦେବା ପାଇଁ ଯାଇଥିବାବେଳେ ଏକ ଭାଲୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

# ଏନ୍‌ସିସି ଦିବସ ପାଳିତ

ପବିତ୍ରନଗର,୨୫।୧୧ (ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ହାଇସ୍କୁଲ ପରିସରରେ ଚାଲିଥିବା ଏନ୍‌ସିସି ଦିବସ ରବିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହେ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଏନ୍‌ସିସି ଛାତ୍ରୀଛାତ୍ରମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ଜନ ସାଧାରଣଙ୍କୁ ସଚେତନ କରାଇଥିଲେ। ମୁଖ୍ୟତଃ ନିଶା ନିବାରଣ, କନ୍ୟାଭ୍ରୂଣ ହତ୍ୟା ରୋକିବା, ଶକ୍ତି ସଂରକ୍ଷଣ ଆଦି ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପବିତ୍ରନଗର କଲେଜର କ୍ରୀଡ଼ା ଶିକ୍ଷକ ପ୍ରଣବ କିଶୋର ଗଡ଼ନାୟକ ଯୋଗ ଦେଇଥିଲେ। ହାଇସ୍କୁଲର ଏନ୍‌ସିସି ଶିକ୍ଷକ ବିଶ୍ୱନାଥ ପ୍ରଧାନ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

■ବଳଭଦ୍ରପୁର ଶାସନରେ ଦ୍ୱିତୀୟ କୁମାରୋତ୍ସବ

# କଳାକାର ଦେଖାଇଲେ ପାରଦର୍ଶିତା

ଢେଙ୍କାନାଳ ଅଫିସ, ୨୫।୧୧




ଦ୍ୱିତୀୟ କୁମାରୋତ୍ସବରେ ପୁରସ୍କାର ସହ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ ।

ଢେଙ୍କାନାଳ କେଶେରିଆ ବଳଭଦ୍ରପୁର ଶାସନରେ ସାଇ କ୍ରିଷ୍ଣ କଲ୍‌ଚରାଲ ଆଣ୍ଡ୍ ୟୁଥ୍ ଆସୋସିଏଶନ ପକ୍ଷରୁ ଶନିବାର ଦ୍ୱିତୀୟ କୁମାରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାର ଏବଂ ଛାତ୍ରୀଛାତ୍ର ଯୋଗଦେଇ ପାରଦର୍ଶିତା ପ୍ରଦର୍ଶନ କରିଥିଲେ।

ଶାନ୍ତି କମିଟି ଉପଦେଷ୍ଟା ନୃସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବଂଶୀବାଦକ ଗଗନ ବିହାରୀ ନନ୍ଦ, ଜିଲା କଳାସଂସ୍କୃତି ସଂଘ ଉପାଧ୍ୟକ୍ଷ ଅବନୀ ମିଶ୍ର, କଣ୍ଠଶିଳ୍ପୀ ଗଣେଶ ମିଶ୍ର, ନିହାରିକା ମିଶ୍ର, ଜିତିନ୍ ମିଶ୍ର, ସରପଞ୍ଚ ରାମଚନ୍ଦ୍ର ସାହୁ, ଶାନ୍ତି କମିଟି ସଭାପତି ଶୁଭେନ୍ଦୁ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ମିଳିଲେ ବହୁ ପ୍ରତିଭାବାନ କଳାକାର ସୃଷ୍ଟି ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ ପାଣି, ସନ୍ତୋଷ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ରଥଙ୍କ ସମେତ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ।

### ପରିବେଶ ସୁରକ୍ଷା ସମିତି ବୈଠକ

ତାଳଚେର,୨୫।୧୧(ନି.ପ୍ର.)

ବହ୍ଲର ଶିବମନ୍ଦିରଠାରେ ରବିବାର ତାଳଚେର ପରିବେଶ ସୁରକ୍ଷା ସମିତିର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁରେଶ ଚନ୍ଦ୍ର ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେରକୁ ପ୍ରଦୂଷଣମୁକ୍ତ କରାଯିବା ଓ ତୁରନ୍ତ ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବି ନେଇ ଆଗାମୀ ଜାନୁୟାରୀ ୪ରେ ତାଳଚେର ବନ୍ଦକୁ ସଫଳ କରିବା ଉପରେ ଏଥିରେ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଜନସାଧାରଣ, ଓକିଲ ସଂଘ, ବ୍ୟବସାୟୀ ସଂଘ, ଟ୍ରେଡ୍ ୟୁନିୟନ, ଟ୍ରକ୍ ମାଲିକ ସଂଘ ତଥା ବିଭିନ୍ନ ସଂଘ ଗୁଡ଼ିକର ସହଯୋଗ କାମନା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆବାହକ ପଦ୍ମନାଭ ସାମଲ, ରାଜକିଶୋର ସାହୁ, ସୁରେଶ କୁଅଁର, ଅବନୀକାନ୍ତ ଦେହୁରୀ, ସୁକାନ୍ତି ରଥ, ନୃସିଂହ ଗୋଛାୟତ, ସେଫାଳୀ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ମାତୃଭବନରେ ସିଦ୍ଧି ଦିବସ



ପିଲାମାନଙ୍କ ଦ୍ୱାରା ଆୟୋଜିତ ପରେଡ୍।

ଢେଙ୍କାନାଳ ଅଫିସ, ୨୫।୧୧

ଢେଙ୍କାନାଳ ସଦର ବ୍ଲକ ବାରଦା ମାତୃଭବନରେ ଶନିବାର ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପବିତ୍ର ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଉପଜିଲାପାଳ ପୀତାମ୍ବର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମାତୃପତାକା ଉତ୍ତୋଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିବା ସହ ଶ୍ରୀମା, ଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଭାପତି ମହେଶ୍ୱର ସାମଲ, ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ ରୂପଶ୍ରୀ ରଥ, ଅଧ୍ୟକ୍ଷ ଦିଲୀପ କୁମାର ରଣା, କ୍ରୀଡ଼ା ଶିକ୍ଷକ ବିଜୟ କୁମାର ନନ୍ଦଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାକେନ୍ଦ୍ରର ସମସ୍ତ କର୍ମଚାରୀ ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

# ଅସହାୟଙ୍କୁ କମ୍ବଳ ବଣ୍ଟନ



ବାର୍ଷିକ ଉତ୍ସବରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୨୫।୧୧

ଢେଙ୍କାନାଳସ୍ଥିତ କମଳା ମେମୋରିଆଲ୍ ଟ୍ରଷ୍ଟ ସେବା କଲ୍ୟାଣ ସମିତି ପକ୍ଷରୁ ଶନିବାର ବାର୍ଷିକ ଉତ୍ସବ ପାଳନ ଅବସରରେ ଅସହାୟ ପିଲାଙ୍କୁ କମ୍ବଳ, ମଶାରି ଏବଂ ଗାମୁଛା ବଣ୍ଟନ କରାଯାଇଛି। ଆଇନଜୀବୀ ନବକିଶୋର ଗୁରୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓ, ସମ୍ମାନିତ ଅତିଥି ଭାବେ ମିଳିତବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଆଇନଜୀବୀ ବିନୟାନନ୍ଦ ମହାପାତ୍ର, ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ କଣ୍ଟେଇକୋଳିଆସ୍ଥିତ ଗୁରୁକୁଳ ଆଶ୍ରମର ୮୦ଛାତ୍ର, କାଇମାଟି ଏବଂ ଭଗବାନପୁର ଅଞ୍ଚଳର ୪୦ଜଣ ନିରାଶ୍ରୟ ପିଲାଙ୍କୁ କମ୍ବଳ, ମଶାରି, ଗାମୁଛା ବଣ୍ଟାଯାଇଛି। ଏଥିସହ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ମହାପାତ୍ର, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜ, ଷ୍ଟାଫ୍ ନର୍ସ କଳ୍ପନା ସାମଲ, ଶିକ୍ଷୟିତ୍ରୀ ପୁଷ୍ପାରାଣୀ କରଙ୍କୁ କପିଳାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ଅଧ୍ୟକ୍ଷ ଚକ୍ରଧର ନାୟକ ଧନ୍ୟବାଦ ଦେଇଥିଲେ।

■ମା'ଶିଶୁ ପୋଡ଼ିଯିବା ଘଟଣା

### ଶିଶୁକନ୍ୟା ପରେ ମା' ମୃତ

ପରଜଙ୍ଗ, ୨୫।୧୧(ଡି.ଏନ୍.ଏ.)

ପରଜଙ୍ଗ ଥାନା ବାରିହାପୁର ପଞ୍ଚାୟତ ଗୋବିନ୍ଦପୁର ସାହିରେ ନଭେମ୍ବର ୧୭ରେ ନିଆଁଲାଗି ଜିତୁ ସେଠଙ୍କ ସ୍ତ୍ରୀ ଅନିତା (୩୦) ଏବଂ ଏକମାତ୍ର ଝିଅ ସ୍ମୃତିଶିଖା (୩) ପୋଡ଼ିଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସ୍ମୃତିଶିଖା ପ୍ରାଣ ହରାଇଥିବାବେଳେ ରବିବାର କଟକ ବଡ଼ ଡାକ୍ତରଖାନାରେ ଅନିତାଙ୍କ ମୃତ୍ୟୁ ଘଟିଛି।

ଘଟଣାଦିନ ଉଭୟେ ମା' ଓ ଶିଶୁକନ୍ୟା ଖାଇସାରି ଶୋଇଥିବାବେଳେ ଘରେ ନିଆଁ ଲାଗି ଯାଇଥିଲା। ଉଭୟଙ୍କୁ ପ୍ରଥମେ ପରଜଙ୍ଗ, ମଣ୍ଡାପାଳ ଏବଂ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କ ମୃତ୍ୟୁ ହୋଇଯାଇଛି।

ଅନ୍ୟପଟେ ସ୍ମୃତିଶିଖାଙ୍କ ଶ୍ୱଶୁର ସତ୍ୟାନନ୍ଦ ସେଠ ଏହି ଦୁର୍ଘଟଣାକୁ ଆତ୍ମହତ୍ୟା ଉଦ୍ୟମ ବୋଲି ଅଭିଯୋଗ ଆଣିଥିଲେ। ଘଟଣାଦିନ ସନ୍ଧ୍ୟାରେ ପୁଅ ଏବଂ ବୋହୂଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ତେଣୁ ବୋହୂ ଶିଶୁକନ୍ୟାସହ କିରୋସିନ ଢାଳିହୋଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିବା ଅଭିଯୋଗ ଆଣିଥିଲେ। ହେଲେ ଏ ନେଇ ଥାନାରେ କୌଣସି ମାମଲା ହୋଇ ନ ଥିବା ଏସ୍‌ଆଇ ଅନାଦି ଚରଣ ପଟ୍ଟାୟତ ସୂଚନା ଦେଇଛନ୍ତି।

■ଢେଙ୍କାନାଳରେ ହକି ଫିଭର

# ନୃତ୍ୟ, ସଙ୍ଗୀତରେ ଭାରତୀୟ ଦଳକୁ ଶୁଭେଚ୍ଛା



ଜିଲାପାଳ ପତାକା ଦେଖାଇ ହକି ପାଇଁ ଦୌଡ଼ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଢେଙ୍କାନାଳ ଅଫିସ, ୨୫।୧୧

ହକି ବିଶ୍ୱକପ୍‌କୁ ଆଉ ମାତ୍ର ଦିନେ। ସାରା ବିଶ୍ୱବାସୀଙ୍କ ନଜର ଏବେ କେନ୍ଦ୍ରୀଭୂତ ହୋଇଛି ଟେମ୍ପଲ ସିଟି ଭୁବନେଶ୍ୱର ଉପରେ। ଦେଶବିଦେଶରୁ ଭାଗନେଉଥିବା ୧୬ଟି ଦଳ ମଧ୍ୟରେ ଭାରତ ସାଜିଛି ଅନ୍ୟତମ ଦାବିଦାର। ସାରା ରାଜ୍ୟରେ ଏବେ ହକି ଫିଭର ଦେଖାଦେଇଥିବାବେଳେ ଏଥିରେ ନିଜକୁ ସାମିଲ କରିଛି ହକିର ଅନ୍ୟତମ ଅନ୍ତୁଡ଼ିଶାଳ ଢେଙ୍କାନାଳ। ଏହି ଅବସରରେ ଭାରତୀୟ ଦଳକୁ ଶୁଭକାମନା ଜଣାଇବା ଉଦ୍ଦେଶ୍ୟରେ ରବିବାର ଆୟୋଜିତ ହୋଇଥିଲା ମିନି ମାରାଥନ୍ ଏବଂ ନୃତ୍ୟ ସଙ୍ଗୀତର କାର୍ଯ୍ୟକ୍ରମ।

ଢେଙ୍କାନାଳ-କପିଳାସ ରାସ୍ତାର କୁକୁଡ଼ାଝରଠାରୁ ମିନି ଷ୍ଟାଡିୟମ ଯାଏ ହକି ପାଇଁ ଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, ଯୁବଗୋଷ୍ଠୀ, କ୍ରୀଡ଼ାବିତ୍ ସମେତ ପ୍ରଶାସନିକ ଅଧିକାରୀଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ସହରବାସୀ ଦୌଡ଼ରେ ସାମିଲ ହୋଇଥିଲେ। ଚକ୍‌ଦେ ଇଣ୍ଡିଆ ସ୍ଲୋଗାନରେ ସହର କମ୍ପି ଉଠିଥିଲା। ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଏବଂ କଳାକାର ଭାଗ ନେଇଥିଲେ। ଦସ୍ତଖତ ଅଭିଯାନ, ବାଲୁକା କଳା ମାଧ୍ୟମରେ ବିଶ୍ୱକପ୍ ହକି ଏବଂ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଥିଲେ ସହରବାସୀ। ଦୌଡ଼ରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଜିଲାପାଳ ପୁରସ୍କୃତ କରିଥିଲେ। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା, ଡେପୁଟି କଲେକ୍ଟର ଲକ୍ଷ୍ମୀଧର ରାଉତ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, ଜିଲା ହକି ସଂଘ, ସାଇ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ରର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଅବନୀ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଳଙ୍କାର ଲୁଟ୍

ଢେଙ୍କାନାଳ ଅଫିସ, ୨୫।୧୧- ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅଧୀନ ନୂଆଗାଁର ବିମଳ ସ୍ୱାଇଁଙ୍କ ଉପରେ ଶନିବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିସହ ତାଙ୍କ ସ୍ତ୍ରୀ ସୁମିତ୍ରାଙ୍କଠାରୁ ୧ଲକ୍ଷ ୨୦ ହଜାର ଟଙ୍କାର ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ବିମଳଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି, ଖଳିବନ୍ଧ ଗ୍ରାମର ୭ଜଣ ଯୁବକ କାର୍, ବାଇକ୍‌ରେ ଆସି ପ୍ରଥମେ ସ୍ତ୍ରୀଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ବିମଳଙ୍କୁ ଆକ୍ରମଣ କରିଥିଲେ। ଏହାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁମିତ୍ରା ଦାବି କରିଛନ୍ତି।

### କ୍ୟାଡେଟ୍ ନେଲେ ଦେଶସେବା ଶପଥ



କାମାକ୍ଷାନଗର, ୨୫।୧୧(ଡି.ଏନ୍.ଏ.)- କାମାକ୍ଷାନଗର କାନପୁରା ପଞ୍ଚାୟତିରାଜ ହାଇସ୍କୁଲରେ ରବିବାର ୭୦ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। କାମାକ୍ଷାନଗର କଲେଜ, ସାରଙ୍ଗଧର ହାଇସ୍କୁଲ, ସରସ୍ୱତୀ ଶିଶୁମନ୍ଦିରର ୭ପ୍ଲାଟୁନ୍ କ୍ୟାଡେଟ୍ ମିଳିତ ପରେଡରେ ଭାଗନେଇ ଦେଶସେବା ପାଇଁ ଶପଥ ନେଇଥିଲେ। ବରିଷ୍ଠ ଡାକ୍ତର ଦିଗମ୍ବର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବାସହ ଉପସ୍ଥିତ କ୍ୟାଡେଟ୍‌ଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ସରପଞ୍ଚ ଚିତ୍ତରଞ୍ଜନ ସେଠୀ ଉପସ୍ଥିତ ଥିଲେ। ଥାର୍ଡ

## ଲେଖକ ସଂସଦର ୩୯ତମ ସାମ୍ବତ୍ସରିକ ମହୋତ୍ସବ

# 'ସାହିତ୍ୟିକଙ୍କ ନିଷ୍ଠା ପ୍ରେରଣାଦାୟୀ'

ଢେଙ୍କାନାଳ ଅଫିସ, ୨୫।୧୧

ଢେଙ୍କାନାଳ ଜିଲା ଲେଖକ ସଂସଦର ୩୯ତମ ସାମ୍ବତ୍ସରିକ ମହୋତ୍ସବ ରବିବାର ପୂର୍ବାହ୍ନରେ ସଂସଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରର ଶୀର୍ଷକ ରହିଥିଲା 'ସାହିତ୍ୟରେ ନାରୀ ଚେତନତାର ସ୍ୱର'। ମୁଖ୍ୟଅତିଥି ଭାବେ ବିଧାୟକ ସରୋଜ କୁମାର ସାମଲ କହିଲେ, ସାହିତ୍ୟିକଙ୍କ ଆନ୍ତରିକତା ଏବଂ ନିଷ୍ଠା ଅନ୍ୟମାନଙ୍କ ଲାଗି ପ୍ରେରଣାଦାୟୀ। କବି, ଲେଖକ, ସାହିତ୍ୟିକଙ୍କୁ ଏକାଠି କରିବା ଏବଂ ଓଡ଼ିଆ ଭାଷାସାହିତ୍ୟକୁ ସମୃଦ୍ଧ କରିବା ଲାଗି କରାଯାଉଥିବା ଉଦ୍ୟମ ବାସ୍ତବିକ୍ ପ୍ରଶଂସନୀୟ। ଏହି ଧାରା ଆଗକୁ ଜାରି ରଖିବା ଲାଗି ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ଶତପଥୀ କହିଲେ, ଢେଙ୍କାନାଳ ମାଟିର ସଂସ୍କୃତି ଓ ସଂଗ୍ରାମମୟ ଇତିହାସ ଓଡ଼ିଆଙ୍କୁ ପ୍ରଭାବିତ କରିଛି। ହେଲେ କେବଳ ଯଶ ସାଉଁଟିବା ଉଦ୍ଦେଶ୍ୟରେ କେତେଜଣ ବ୍ୟକ୍ତି ନିଜକୁ ଲେଖକ ବୋଲି କହି ବୁଲୁଛନ୍ତି, ଯାହା ପରିତାପର ବିଷୟ। ପ୍ରତ୍ୟେକ ସାହିତ୍ୟିକ ଅନ୍ୟମାନଙ୍କ ବହି ପଢ଼ିବା ଉଚିତ ବୋଲି ସେ ଅଭିଭାଷଣ ରଖିଥିଲେ। ସମ୍ମାନିତ ବକ୍ତା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଗଙ୍ଗାଧର ସାହୁ କହିଲେ, ଏକଦା ସାହିତ୍ୟ ପୁରୁଷଙ୍କ ଦ୍ୱାରା କବଳିତ ହୋଇ ରହିଥିଲା। ହେଲେ ମହିଳାମାନେ ନିଜ କଥାକୁ ଉଲ୍ଲେଖ କରିବା ପରେ ସାହିତ୍ୟ ବାସ୍ତବଧର୍ମୀ



ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ହୋଇପାରିଛି। ଅବସରପ୍ରାପ୍ତ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀ କହିଲେ, ସାହିତ୍ୟର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ସମାଜକୁ ଛାଡି ସାହିତ୍ୟ କେବେ ବଞ୍ଚିପାରିବ ନାହିଁ। କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ କହିଲେ, ଭଲ ପାଇବାକୁ ନେଇ ସାହିତ୍ୟ ବଞ୍ଚେ। ସକାରାତ୍ମକ କଥା ସାହିତ୍ୟରେ ପ୍ରତିପାଦନ କରିବା ଦିଗରେ ଗୁରୁତ୍ୱଦେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସପ୍ତାରଣ' ଉନ୍ମୋଚିତ ହୋଇଥିଲା।

ଅପରାହ୍ନ ୨ଟାରେ ଆୟୋଜିତ ଦ୍ୱିତୀୟ ଅଧିବେଶନରେ ସାଙ୍ଗଠନିକ ଆଲୋଚନା କରାଯାଇଥିଲା। ସାଢ଼େ ୨ଟାରେ ଅନୁଷ୍ଠିତ କବିତା ପାଠୋତ୍ସବ 'ମଧୁକ୍ଷରା'ରେ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ଭିକାରି ଚରଣ ରାଉତ ମଞ୍ଚାସୀନ ଥିଲେ। କବି ନନ୍ଦିକେଶ୍ୱରୀ ନାଥ, ମାନସୀ କର, ସଂଯୁକ୍ତା ଶରଣ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ପୂର୍ବତନ ରାଜ୍ୟସଭା ସଦସ୍ୟ ବୈଷ୍ଣବ ଚରଣ ପରିଡ଼ାଙ୍କ ବିୟୋଗରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂସଦର ସଭାପତି ଶତ୍ରୁଘ୍ନ ଭୂତିଆ, ସମ୍ପାଦକ ବସନ୍ତ କୁମାର ପଟ୍ଟନାୟକ, ଗଗନ ବିହାରୀ ନନ୍ଦ, କାଳିନ୍ଦୀ ଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସମ୍ମାନିତ ହେଲେ ପ୍ରତିଭା

ଲେଖକ ସଂସଦର ସାମ୍ବତ୍ସରିକ ମହୋତ୍ସବରେ ପୁରସ୍କୃତ ହୋଇଥିଲେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିତ୍ୱ। କବୟିତ୍ରୀ ଡ. ଇତି ସାମନ୍ତଙ୍କୁ କବି ଚକ୍ରବର୍ତ୍ତୀ ବ୍ରଜନାଥ ବଡ଼ଜେନା ସାରସ୍ୱତ ସମ୍ମାନ, ଡ. ଗଙ୍ଗାଧର ସାହୁଙ୍କୁ ଶ୍ରୀଧରସ୍ୱାମୀ ସାରସ୍ୱତ ସମ୍ମାନ, ଅବସରପ୍ରାପ୍ତ ବିଚାରପତି ଦୁର୍ଗାପ୍ରସନ୍ନ ଚୌଧୁରୀଙ୍କୁ ଶ୍ରେଷ୍ଠ ଆଇନଜ୍ଞ ଅଦ୍ୱୈତ ଚରଣ ଦାସ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂଗ୍ରାମ କେଶରୀ ଶତପଥୀଙ୍କୁ ମହାରାଜ ଭାଗୀରଥ କଳା ସମ୍ମାନ, ପ୍ରଭା ପଟ୍ଟନାୟକଙ୍କୁ ରାଜ୍ୟସ୍ତରୀୟ ସଚ୍ଚିଦାନନ୍ଦ ସାହିତ୍ୟ ଗୌରବ ସମ୍ମାନ, ବଜରଙ୍ଗ କ୍ଲବକୁ ସାରଙ୍ଗଧର ଦାସ ସେବା ସମ୍ମାନ, ସୁକାନ୍ତି ସାହୁଙ୍କୁ ସୁଚରିତା ସାହିତ୍ୟ ସମ୍ମାନ, ଅଧ୍ୟାପକ ଡ. ସୁଧାଂଶୁ ଦାସଙ୍କୁ ପଣ୍ଡିତ ରୁଦ୍ରନାରାୟଣ ମିଶ୍ର ଶିକ୍ଷାସେବା ସମ୍ମାନ, ବୈଜୟନ୍ତୀ ପଟ୍ଟନାୟକଙ୍କୁ କବୟିତ୍ରୀ ଜାହ୍ନବୀ ରାୟ ସାରସ୍ୱତ ସମ୍ମାନ, ହୃଦାନନ୍ଦ ଦ୍ୱିବେଦୀଙ୍କୁ କବି ଈଶ୍ୱର ଚନ୍ଦ୍ର ସାମଲ ସାରସ୍ୱତ ସମ୍ମାନ, ସଂଯୁକ୍ତାରାଣୀ ନାୟକଙ୍କୁ ଶାଣ୍ଡିଲ୍ୟ ବସନ୍ତ ଶିକ୍ଷା ସମ୍ମାନ, ବିଜୟ କୁମାର ସାମନ୍ତଙ୍କୁ ଶ୍ରେଷ୍ଠ ସମାଜସେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର



@ ଦୀପକ



@ ସନ୍ଦୀପରାଜ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

DSPL-267



